କେନ୍ଦ୍ରୀୟ ଅବକାରୀ ଏବଂ ସୀମାଶୁଳ୍କର ଆୟୁକ୍ତ, ଔରଙ୍ଗାବାଦ

ବନାମ

ମେସର୍ସ ସିଏଟ ଲିମିଟେଡ୍, ନାସିକ

17 ଫେବୃଆରୀ, 2005

[ଏସ୍. ଏନ୍. ଭାରିୟାଭା, ଡା. ଏ. ଆର୍. ଲକ୍ଷ୍ମଣନ୍ ଏବଂ ଏସ୍. ଏଚ୍. କାପାଡ଼ିଆ, ନ୍ୟାୟମୂର୍ତ୍ତିବୃନ୍ଦ]

*କେନ୍ଦ୍ରୀୟ ଅବକାରୀ ଅଧିନିୟମ, 1944; ଧାରା 35ଏଲ/କେନ୍ଦ୍ରୀୟ ଅବକାରୀ ସୀମାଶୁଳ୍କ ଅଧିନିୟମ, 1985; ଶୁଳ୍କ ଶୀର୍ଷକ 59.02 ଏବଂ 59.06, ଅଧ୍ୟାୟ ନୋଟ୍-4ରୁ ଅଧ୍ୟାୟ 59 ଏବଂ ନୋଟ୍-4 ରୁ ଅଧିନିୟମର ଧାରା XI: ବର୍ଗୀକରଣ - ନିମଜ୍ଜିତ ଟାୟାର ଫ୍ୟାବ୍ରିକ/ରବର ନିର୍ମିତ ଟାୟାର କର୍ଡ ଫ୍ୟାବ୍ରିକ - ଶୁଳ୍କ ଶୀର୍ଷକ 59.02 କିମ୍ବା 59.06 ଅଧୀନରେ ଅବକାରୀ ଶୁଳ୍କ ଆଦାୟ - ନିର୍ଣ୍ଣୟ କରାଯାଇଥିଲା: ସମ୍ପୃକ୍ତ ମାମଲା, ଅର୍ଥାତ୍ କେନ୍ଦ୍ରୀୟ ଅବକାରୀ ଆୟୁକ୍ତ ବନାମ ଏମ୍. ଆର୍. ଏଫ୍. ଲିମିଟେଡ୍ ରେ ଲିପିବଦ୍ଧ କାରଣଗୁଡିକୁ ଦୃଷ୍ଟିରେ ରଖି ଏହି ଆବେଦନ ଖାରଜ ହୋଇଛି ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 6971/1999

1999 ର ଏଫ୍. ଓ. ସଂଖ୍ୟା C-1/504-505/WZB ରେ ଏ. ସଂଖ୍ୟା E/167-R/99-Bom ରେ ମୁମ୍ବାଇସ୍ଥିତ କେନ୍ଦ୍ରୀୟ ଅବକାରୀ, ସୀମା ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣର ପଶ୍ଚିମ ଆଞ୍ଚଳିକ ବିଚାରପୀଠଙ୍କ 5.4.99 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା ଆର୍. ମୋହନ, ରାଜୀବ ଦତ୍ତ, ହେମନ୍ତ ଶର୍ମା, ପି. ପରମେଶ୍ୱରନ ଏବଂ ବି. କୃଷ୍ଣ ପ୍ରସାଦ ।

ଉତ୍ତରଦାତାଙ୍କ ପକ୍ଷରୁ ରବିନ୍ଦର ନାରାୟଣ, ସୋନୁ ଭଟନାଗର, ଅଜୟ ଅଗ୍ରୱାଲ ଏବଂ ରାଜନ ନାରାୟଣ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟଧୀଶ କାପାଡ଼ିଆଙ୍କ ଦ୍ୱାରା** । *କେନ୍ଦ୍ରୀୟ ଅବକାରୀ ଆୟୁକ୍ତ* ବନାମ *ଏମ୍. ଆର୍. ଏଫ୍. ଲିମିଟେଡ୍* ମାମଲାରେ ଆମ ନିର୍ଣ୍ଣୟରେ ଦିଆଯାଇଥିବା କାରଣଗୁଡ଼ିକ ପାଇଁ, ଯାହା (2005) 1 ସ୍କେଲ୍ 554 ରେ ଲିପିବଦ୍ଧ କରାଯାଇଛି, ରବର ନିର୍ମିତ ଟାୟାର କର୍ଡ ଫ୍ୟାବ୍ରିକର ବର୍ଗୀକରଣ ସମ୍ବନ୍ଧୀୟ ବିଭାଗ ଦ୍ୱାରା ଦାଖଲ ହୋଇଥିବା ଏହି ଦେୱାନୀ ଆବେଦନକୁ ଖାରଜ କରାଯାଇଛି, ଏବଂ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଆଦେଶ ନାହିଁ ।

ଏସ୍. କେ. ଏସ୍. ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ